କେରଳ ରାଜ୍ୟ ଇତ୍ୟାଦି

ବନାମ

ଟି.ଆର୍. ଉଦୟ ଶଙ୍କରନ୍ ଏବଂ ଅନ୍ୟମାନେ ଇତ୍ୟାଦି

ଅଗଷ୍ଟ 16, 1995

[କେ. ରାମାସ୍ୱାମୀ ଏବଂ ବି.ଏଲ୍. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ 1894 : (ଯେପରି ଅଧିନିୟମ 68/1984 ଦ୍ୱାରା ସଂଶୋଧିତ)/କେରଳ ଜମି ଅଧିଗ୍ରହଣ ଅଧିନିୟମ, 1961 -କେନ୍ଦ୍ରୀୟ ଅଧିନିୟମରେ କରାଯାଇଥିବା ସଂଶୋଧନର ସୁବିଧା ରାଜ୍ୟ ଅଧିନିୟମ ଅନୁଯାୟୀ ଅଧିଗ୍ରହଣ ପାଇଁ ଉପଲବ୍ଧ କି ?*

*କାର୍ଯ୍ୟ ଏବଂ ପ୍ରକ୍ରିୟା :*

*ବିଜ୍ଞପ୍ତି ଜାରି - "ଜଣା ନୁହେଁ" ଟିପ୍ପଣୀ ସହିତ ବିଜ୍ଞପ୍ତି ଫେରସ୍ତ କରାଯାଇଛି - ନିର୍ଣ୍ଣୟ କରାଗଲା, ଉତ୍ତରଦାତାମାନେ ଟିପ୍ପଣୀ ସହିତ ବିଜ୍ଞପ୍ତି ଫେରାଇ ଆଣିବାରେ ସଫଳ ହୋଇଥିବା ପରି ମନେ ହେଉଛି - ସେମାନଙ୍କ ଉପରେ ବିଜ୍ଞପ୍ତି ଜାରି କରାଯାଇଥିବା ବିବେଚନା କରାଯିବା ଉଚିତ ।*

**ଏହି ଅପିଲ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବିଶେଷ ଅନୁମତି ଆବେଦନ ତା 22.6.1976 ରିଖରେ ପାରିତ ଅଧିନିର୍ଣ୍ଣୟ ଏବଂ କେରଳ ଜମି ଅଧିଗ୍ରହଣ ଅଧିନିୟମ, 1961 ର ଧାରା 3 ଅନୁଯାୟୀ ଅଧିଗ୍ରହଣ କରାଯାଇଥିବା ଜମି ପାଇଁ କ୍ଷତିପୂରଣ ବୃଦ୍ଧି କରି ଉପରିସ୍ଥ ନ୍ୟାୟାଳୟ ଦ୍ୱାରା ପାରିତ ତା 24.6.1980 ରିଖର ଆଦେଶରୁ ଉତ୍ପନ୍ନ ହୋଇଥିଲା ।**

**ଆଂଶିକ ଭାବରେ ଅପିଲକୁ ଅନୁମତି ଦେଇ ଏବଂ ବିଶେଷ ଅନୁମତି ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ ନିର୍ଣ୍ଣୟ କାଳେ :**

**1. ସଂଶୋଧନ ଅଧିନିୟମ 68/1984 ଦ୍ୱାରା ସଂଶୋଧିତ କେନ୍ଦ୍ରୀୟ ଅଧିନିୟମର ଧାରା 23 (1-A), 23 (2), ଏବଂ 28 ଅନୁଯାୟୀ ପରିକଳ୍ପିତ ବର୍ଦ୍ଧିତ କ୍ଷତିପୂରଣ ଏବଂ ସୁଧ ଏବଂ ଅତିରିକ୍ତ ରାଶିର ଲାଭ ପାଇବାକୁ ଦାବିଦାରମାନେ ହକଦାର ନୁହଁନ୍ତି । ତଥାପି, ବର୍ଦ୍ଧିତ କ୍ଷତିପୂରଣ ଉପରେ ସେମାନେ 15 ପ୍ରତିଶତ ହାରରେ କ୍ଷତିପୂରଣ ଏବଂ ବର୍ଦ୍ଧିତ ରାଶି ଉପରେ 4 ପ୍ରତିଶତ ହାରରେ ସୁଧ ପାଇବାକୁ ହକଦାର ।**

**2. ଉତ୍ତରଦାତା ସଂଖ୍ୟା 1 ଏବଂ 2 ଙ୍କୁ ସୂଚିତ କରାଯାଇଥିବାବେଳେ ସ୍ୱୀକାରଯୋଗ୍ୟ ଭାବରେ ଡାକସେବା ଟିପ୍ପଣୀ ପରିଣାମ "ଜଣା ନାହିଁ" ଦର୍ଶାଏ । ଏହା ସ୍ପଷ୍ଟ ଯେ ସେମାନେ ମାମଲାର ଫଏସଲାକୁ ବିଳମ୍ବ କରିବା ପାଇଁ ସେହି ଟିପ୍ପଣୀ ସହିତ ବିଜ୍ଞପ୍ତିକୁ ଫେରାଇ ଆଣିବାରେ ସଫଳ ହୋଇଥିବା ପରି ମନେ ହେଉଥିଲା । ତେଣୁ ସେମାନଙ୍କୁ ବିଜ୍ଞପ୍ତି ଜାରି କରାଯାଇଥିବା ବିବେଚନା କରାଯିବା ଉଚିତ ।**

# ରାଜ୍ୟ ବନାମ ଟି.ଆର୍. ଉଦୟ ଶଙ୍କରନ୍

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 7572/1995 ।

ଏଲ୍.ପି.ଏ. ସଂଖ୍ୟା 92/81 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ତା 17.11.86 ରିଖର ରାୟ ଏବଂ ଆଦେଶରୁ ।

ସହିତ

ଦେୱାନୀ ଅପିଲ ସଂଖ୍ୟା 7573/1995 ।

ଏବଂ

ଏସ୍.ଏଲ୍.ପି. (ଦେୱାନୀ) ସଂଖ୍ୟା 7156/1991 ।

ଅପିଲକାରୀଙ୍କ ପାଇଁ ଏମ୍.ଟି. ଜର୍ଜ ।

ଉତ୍ତରଦାତାଙ୍କ ପାଇଁ ଟି.ଜି.ଏନ୍. ନାୟାର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

*1987ର ସି.ଏ. @ ଏସ.ଏଲ.ପି. (ସି) ସଂଖ୍ୟା 7305 ଏବଂ 7288 ।*

ଅନୁମତି ପ୍ରଦାନ କରାଗଲା ।

ଉତ୍ତରଦାତା ସଂଖ୍ୟା 3 କୁ ସୂଚିତ କରାଯାଇଛି ଏବଂ ଶ୍ରୀ ଟି.ଜି.ଏନ୍. ନାୟାର ତାଙ୍କ ତରଫରୁ ହାଜର ହୋଇଥିଲେ । ଉତ୍ତରଦାତା ସଂଖ୍ୟା 1 ଏବଂ 2 ଙ୍କୁ ସୂଚିତ କରାଯାଇଥିବାବେଳେ ସ୍ୱୀକାରଯୋଗ୍ୟ ଭାବରେ ଡାକସେବା ଟିପ୍ପଣୀ ପରିଣାମ "ଜଣା ନାହିଁ" ଦର୍ଶାଏ । ଏହା ସ୍ପଷ୍ଟ ଯେ ସେମାନେ ମାମଲାର ଫଏସଲାକୁ ବିଳମ୍ବ କରିବା ପାଇଁ ସେହି ଅନୁମୋଦନ ସହିତ ବିଜ୍ଞପ୍ତିକୁ ଫେରାଇ ଆଣିବାରେ ସଫଳ ହୋଇଥିବା ପରି ମନେ ହେଉଥିଲା । ତେଣୁ ସେମାନଙ୍କୁ ବିଜ୍ଞପ୍ତି ଜାରି କରାଯାଇଥିବା ବିବେଚନା କରାଯିବା ଉଚିତ ।

ଜମି ଅଧିଗ୍ରହଣ ଅଧିନିୟମ, 1894ର ଧାରା 4 (1) ସହ ସମାନ ଥିବା କେରଳ ଜମି ଅଧିଗ୍ରହଣ ଅଧିନିୟମ, 1961ର ଧାରା 3 ଅନୁୟାୟୀ 1976 ମସିହା ଜୁନ୍ 22 ତାରିଖରେ ଅଧିସୂଚନା ପ୍ରକାଶ ପାଇଥିଲା । ଜମି ଅଧିଗ୍ରହଣ ଅଧିକାରୀ 1977 ରେ ତାଙ୍କ ଅଧିନିର୍ଣ୍ଣୟ ପାରିତ କରିଥିଲେ । ଏହି ସନ୍ଦର୍ଭରେ, ଅତିରିକ୍ତ ଅଧସ୍ଥନ ବିଚାରପତି 24 ଜୁନ୍, 1980 ରେ କ୍ଷତିପୂରଣ ବୃଦ୍ଧି କରିଥିଲେ । ଏହି ପରିସ୍ଥିତିରେ, ସଂଶୋଧନ ଅଧିନିୟମ 68/1984 ଦ୍ୱାରା ସଂଶୋଧିତ କେନ୍ଦ୍ରୀୟ ଅଧିନିୟମ 23 (1-A), 23 (2) ଏବଂ 28 ଅନୁଯାୟୀ ପରିକଳ୍ପିତ ବର୍ଦ୍ଧିତ କ୍ଷତିପୂରଣ ଏବଂ ସୁଧ ଏବଂ ଅତିରିକ୍ତ ପରିମାଣର ଲାଭ ପାଇବାକୁ ଦାବିଦାରମାନେ ହକଦାର ନୁହଁନ୍ତି ।

ତଦନୁସାରେ ଅପିଲକୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି । ତଥାପି, ଦାବିଦାର-ଉତ୍ତରଦାତାମାନେ ବର୍ଦ୍ଧିତ କ୍ଷତିପୂରଣ ଉପରେ 15 ପ୍ରତିଶତ ହାରରେ କ୍ଷତିପୂରଣ ପାଇବାକୁ ହକଦାର ଅଟନ୍ତି ଏବଂ ଦଖଲ ନେବାର ତାରିଖ ଠାରୁ ଜମା ପଇଠ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ରାଶି ଉପରେ 4 ପ୍ରତିଶତ ହାରରେ ସୁଧ ପାଇବାକୁ ହକଦାର ଅଟନ୍ତି ।

*ଏସ୍.ଏଲ୍.ପି. (C) ସଂଖ୍ୟା 7156/1991*

ଏହି ବିଶେଷ ଅନୁମତି ଆବେଦନଟି ଖାରଜ ହୋଇଛି ।

ଆର୍.ପି.

ଅପିଲକୁ ଆଂଶିକ ଭାବେ ଅନୁମତି ପ୍ରଦାନ କରାଯାଇଛି ଏବଂ ଆବେଦନଟି ଖାରଜ ହୋଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*
ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।